























***Sponsored by:***
ICAR-Indian Institute of Agricultural Biotechnology, Ranchi
Under SCSP Programme

***Published by :***
Krishi Vigyan Kendra, Angul
kvk.angul@ouat.ac.in
kvkangul.ouat@gmail.com

Printed at : Ankita Graphics, Bhubaneswar.
saroj77337@gmail.com / Ph : 9437077337

2024030235

OUAT Publication:
No. 202403035



# ଭୂମିହୀନ ଚାଷୀମାନଙ୍କ ପାଇଁ ଚାଷ ବେଉସା ଛେଳି ପାଳନ



**ଆଲେଖ୍ୟ:**
ଡ. ମୋନାଲିସା ବେହେରା
ବୈଜ୍ଞାନିକ (ପ୍ରାଣୀ ବିଜ୍ଞାନ)
**ସହ ସଂପାଦିକା:**
ଶ୍ରୀମତୀ ସୋନିତାରାଣୀ ସେଠୀ
ବିଷୟବସ୍ତୁ ବିଶେଷଜ୍ଞା (କୃଷି ସଂପ୍ରସାରଣ)
**ମୁଖ୍ୟ ସମ୍ପାଦକ:**
ଡ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୂମିହୀନ ଚାଷୀମାନଙ୍କ ପାଇଁ ଚାଷ ବେଉସା

# ଛେଳି ପାଳନ


ଆଲେଖ୍ୟ

ଡ. ମୋନାଲିସା ବେହେରା

ବୈଜ୍ଞାନିକ (ପ୍ରାଣୀ ବିଜ୍ଞାନ)

ସହ ସଂପାଦିକା

ଶ୍ରୀମତୀ ସୋନିତାରାଣୀ ସେଠୀ

ବିଷୟବସ୍ତୁ ବିଶେଷଜ୍ଞା (କୃଷି ସଂପ୍ରସାରଣ)

ମୁଖ୍ୟ ସମ୍ପାଦକ

ଡ. ଦେବାଶିଷ ମିଶ୍ର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

## ସଂପ୍ରସାରଣ ପୁସ୍ତିକା ୨୦୨୩-୨୪

# ଭୂମିହୀନ ଚାଷୀମାନଙ୍କ ପାଇଁ ଚାଷ ବେଉସା
# 'ଛେଳି ପାଳନ'


ଆଲେଖ୍ୟ

ଡ. ମୋନାଲିସା ବେହେରା
ବୈଜ୍ଞାନିକ (ପ୍ରାଣୀ ବିଜ୍ଞାନ)

ସହ ସଂପାଦିକା
ଶ୍ରୀମତୀ ସୋନିତାରାଣୀ ସେଠୀ
ବିଷୟବସ୍ତୁ ବିଶେଷଜ୍ଞା (କୃଷି ସଂପ୍ରସାରଣ)

ସଂପାଦନା
ଡ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ



ପ୍ରକାଶକ :
କୃଷି ବିଜ୍ଞାନ କେନ୍ଦ୍ର
ଅନୁଗୋଳ, ଓଡ଼ିଶା

ମୁଦ୍ରଣ :
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭



**By**
**Dr. Monalisa Behera**
Scientist, Animal Science

**Asst. Editer**
**Smt. Sonitarani Sethi**
SMS (Agril.Extension)

**Chief Editer**
**Dr. Debasis Mishra**
Sr. Scientist and Head
KVK, Angul



**Sponsored by:**
ICAR-Indian Institute of
Agricultural Biotechnology, Ranchi
Under SCSP Programme

**Published by :**
Krishi Vigyan Kendra, Angul
kvk.angul@ouat.ac.in
kvkangul.ouat@gmail.com

**Printed at :**
Ankita Graphics, Bhubaneswar.
saroj77337@gmail.com
Ph : 9437077337

# ଛେଳି ପାଳନ

ଭୌଗୋଳିକ ଅବସ୍ଥିତି ଓ ଜଳବାୟୁରେ ତାରତମ୍ୟକୁ ନେଇ ଆମ ଦେଶରେ ଅଣଚାଳିଶ କିସମର ଛେଳି ଦେଖାଯାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଜାତୀୟ ଛେଳି ଦୁଗ୍ଧ ପାଇଁ, କେତେକ ମାଂସ ପାଇଁ ଓ ଆଉ କେତେକ ଉଭୟ ମାଂସ ଏବଂ ଦୁଗ୍ଧ ପାଇଁ ପାଳନ କରାଯାଏ। ଛେଳିମାନେ ସହଜରେ ପରିବର୍ତ୍ତିତ ଜଳବାୟୁକୁ ଖାପଖୁଆଇ ଚଳିପାରନ୍ତି। ଏହା ବ୍ୟତୀତ ଛେଳି ମାଂସର ଚାହିଦା ସବୁ ସମୟରେ ଅଧିକ। ତେଣୁ କମ୍ ମୂଳଧନ ବିନିଯୋଗରେ କିଛିଟା ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଛେଳି ଚାଷ କରି ବେଶ୍ ଲାଭବାନ ହେବା ସମ୍ଭବ।

## ଛେଳିର ପ୍ରଜାତି

ଆମ ରାଜ୍ୟରେ ପ୍ରାୟ ୧୧ପ୍ରକାରର ଛେଳି ଦେଖାଯାଏ। ଯଥା ବ୍ଲାକ ବେଙ୍ଗଲ, ଗଂଜାମ, ଘୁମୁସୁର ଛେଳି, ମାରାଗୁଡ଼ା ଛେଳି, ଡାଲୁଆ ଛେଳି, ମାଲକାନଗିରି ଛେଳି, କେଉଁଝର ଛେଳି, ରାଇଘର ଛେଳି, ବଡ଼ ବିହନ ଛେଳି, ନାରାୟଣ ପାଟଣା ଓ କଳାହାଣ୍ଡି ଛେଳି ଇତ୍ୟାଦି। ମାତ୍ର ସର୍ବଭାରତୀୟ ସ୍ତରରେ ଗଞ୍ଜାମ ଏବଂ ବ୍ଲାକ୍ ବେଙ୍ଗଲ ଛେଳି ସ୍ୱତନ୍ତ୍ର ପ୍ରଜାତିର ମାନ୍ୟତା ପାଇଛନ୍ତି। ବ୍ଲାକ ବେଙ୍ଗଲ ଛେଳି ସାଧାରଣତଃ କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ଦେଖାଯାନ୍ତି। ବ୍ଲାକ୍ ବେଙ୍ଗଲ ଛେଳି ତାହାର ଛୁଆ ଜନ୍ମ କରିବାର କ୍ଷମତା ଓ ସୁସ୍ୱାଦୁ ମାଂସ ପାଇଁ ବିଶ୍ୱ ପ୍ରସିଦ୍ଧ। ଏମାନେ ଆକାରରେ ଛୋଟ ଓ ରଙ୍ଗ ସାଧାରଣତଃ କଳା। କିନ୍ତୁ ଧଳା ଏବଂ କଷରା ରଙ୍ଗର ଛେଳି ମଧ୍ୟ ବହୁଳ ଭାବରେ ଉପଲବ୍ଧ ହୋଇଥାଏ। ବୟସ୍କ ଛେଳିର ଦାଢ଼ି ଥାଏ। ଶିଙ୍ଗ ଛୋଟ ଏବଂ ଉପରକୁ ଉଠିଥାଏ। କାନଗୁଡିକ ଛୋଟ। ବୟସ୍କ ଛେଳିର ଓଜନ ହାରାହାରି ୧୫ରୁ ୧୬ କିଲୋଗ୍ରାମ ହୁଏ ଏବଂ ମାଇ ଛେଳି ଏକାଥରକେ ୨ରୁ ୩ଟି ଛୁଆ ପ୍ରସବ କରିଥାଏ। ଗଂଜାମ ଛେଳି ମୁଖ୍ୟତଃ ଓଡ଼ିଶାର ଦକ୍ଷିଣ ଭାଗରେ ଯଥା ଗଂଜାମ, ଗଜପତି, ନୟାଗଡ ଏବଂ ଫୁଲବାଣୀ ଆଦି ଜିଲ୍ଲାରେ ଦେଖାଯାଏ। ଏହି ଜାତୀୟ ଛେଳିର ଶିଙ୍ଗ ଲମ୍ବା ଏବଂ ଉପରକୁ ଉଠିଥାଏ। ମାଇ ଛେଳି ଥରକେ ଗୋଟିଏ ଛୁଆ ଜନ୍ମ କରେ ଓ ବୟସ୍କ ଛେଳିର ଓଜନ ୧୮ରୁ ୨୨ କିଲୋଗ୍ରାମ ହୋଇଥାଏ।

## ଛେଳିମାନଙ୍କ ପ୍ରଜନନ

### ଉତ୍ତମ ବୋଦାର ଚୟନ

୧) ପ୍ରଜନନ ପାଇଁ ବ୍ୟବହାର ହେଉଥିବା ବୋଦା ଉତ୍ତମ ପ୍ରଜାତିର ହୋଇଥିବା ଉଚିତ।

୨) ବୋଦାଟି ଓଜନଦାର, ଚିକ୍କଣ, ହୃଷ୍ଟପୁଷ୍ଟ ଏବଂ ବୀର୍ଯ୍ୟବାନ ହୋଇଥିବା ଉଚିତ।

୩) ମଧ୍ୟମ ତଥା ବଡ ପ୍ରଜାତିର ବୋଦାର ଓଜନ ୯ ମାସ ବେଳକୁ ୨୦-୨୫ କିଗ୍ରା ଯାଏ ହୋଇଯାଏ।

୪) ବୋଦା ଚୟନ ବେଳେ ବୋଦା ମା'ର ଗୁଣବତ୍ତା ପ୍ରତି ଧ୍ୟାନଦେବା ଉଚିତ୍।

୫) ଏକ ଉତ୍ତମ ବୋଦାର ଶରୀର ଲମ୍ବା ଏବଂ ବଡ ହୋଇଥାଏ। ଅଣ୍ଡା କୋଷଗୁଡ଼ିକ ବଡ ଏବଂ ସମାନ ଆକାରର ହୋଇଥାଏ।

୬) ବୋଦା ସଙ୍ଗମ କରିବା ସମୟରେ ୯୦% ମାଈ ଛେଳିଙ୍କୁ ଗର୍ଭଧାରଣ କରିପାରୁଥିବ।

୭) ବୋଦାଟିର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥିବ ଏବଂ ଏହା କୌଣସି ସଂକ୍ରାମକ ରୋଗର ବାହକ ହୋଇ ନଥିବ।

## ଉତ୍ତମ ମାଈଛେଳିର ଚୟନ

୧) ମାଈଛେଳିଟି ଉନ୍ନତ କିସମର ହେବା ସଙ୍ଗେସଙ୍ଗେ ହୃଷ୍ଟପୁଷ୍ଟ ହୋଇଥିବ।

୨) କିସମ ହିସାବରେ ଶରୀର ଲମ୍ବା, ଗହିରିଆ ଓ ତିନିକୋଣିଆ ହୋଇଥିବା ଉଚିତ୍। ଗଳା ଲମ୍ବା ଏବଂ ସରୁ ହୋଇଥିବ। ଗୋଡ ଗୁଡିକ ସିଧା ଏବଂ ହାଡ ମଜବୁତ୍ ହୋଇଥିବ। ପନହା ଲମ୍ବା ଏବଂ ଚିର ବଡ ହୋଇଥିବ।

୩) ଅଧିକ ମାତ୍ରାରେ କ୍ଷୀର ଦେଇପାରୁଥିବ।

୪) ଠିକ ସମୟ ବ୍ୟବଧାନରେ ଥରକୁ ୨ ବା ଅଧିକା ଛୁଆ ଜନ୍ମ କରିପାରୁଥିବ।

୫) ମାଈଛେଳି କୌଣସି ସଂକ୍ରାମକ ରୋଗର ବାହକ ହୋଇ ନଥିବ। ଶରୀର ଭିତରେ କିମ୍ବା ବାହାରେ କୌଣସି କୃମି, ଟିଙ୍କ କିମ୍ବା ଉକୁଣୀ ନଥିବ। ନାକ, ପାଟି ଏବଂ ଆଖିରୁ ଲାଳ ଓ ଲେଞ୍ଜରା ବୋହୁ ନଥିବ।

ପ୍ରତି ୧୦ ଟି ମାଈ ଛେଳି ପାଇଁ ଗୋଟିଏ ବୋଦା ରଖିବା ଦରକାର। ନଚେତ ଛେଳି ପଲର ଗର୍ଭିଣି ସଂଖ୍ୟା କମିଯିବ। ସାଧାରଣତଃ ମାଈ ଛେଳି ମେ-ଜୁନ ମାସରେ ଏବଂ ନଭେମ୍ବର-ଡ଼ିସେମ୍ବର ମାସରେ ବର୍ଷରେ ଦୁଇଥର ଗରମକୁ ଆସିଥାନ୍ତି। ଗରମ ରହିବାର ସମୟ ୨୪ ରୁ ୪୮ ଘଣ୍ଟା। ଯଦି ଗର୍ଭ ନରହେ ତାହେଲେ ମାଈ ଛେଳି ୨୧ ଦିନ ପରେ ପୁଣି ଗରମ ହୁଏ। ଗର୍ଭାବସ୍ଥା ୧୪୫ ଦିନରୁ ୧୫୩ ଦିନ ଅଟେ। ମାଈ ଛୁଆକୁ ଠିକ ଭାବେ ଖାଦ୍ୟ ଦେଲେ ତାହା ଜଲ୍‌ଦି ପ୍ରଜନନକ୍ଷମ ହୋଇଥାଏ। ମାଈ ଛେଳି ୨ ବର୍ଷରେ ୩ ଥର ଛୁଆ ପ୍ରସବ କରେ। ମାଈ ଛେଳି ୨ ବର୍ଷ ବୟସରେ ପ୍ରଥମ ଛୁଆ ଜନ୍ମ କରେ। ଅଣ୍ଡିରା ଛେଳିକୁ ଦୁଇରୁ ଅଢ଼େଇ ବର୍ଷ ବୟସ ପରେ ସଙ୍ଗମ କରିବାକୁ ଛାଡିବା ଉଚିତ। ଗୋଟିଏ ଛେଳିର ହାରାହାରି ଜୀବନ ୧୨ ବର୍ଷ। ମାଈ ଛେଳିକୁ ୭ ବର୍ଷ ବୟସ ଓ ଅଣ୍ଡିରା ଛେଳିକୁ

୮-୧୦ ବର୍ଷ ବୟସ ପରେ ବିକ୍ରି କରିଦେବା ଉଚିତ। ସର୍ବଦା ମନେରଖିବା ଯେ ଅନ୍ତଃପ୍ରଜନନ (Inbreeding) ବନ୍ଦ କରିବା ପାଇଁ ଅନ୍ୟତ୍ର ଗୋଠରୁ ବୋଦା ଆଣିବା ଉଚିତ୍। ସେହିପରି କମ୍ ପ୍ରଜନନ କ୍ଷମତା ଥିବା ୧୦ଭାଗ ଛେଳିକୁ ପ୍ରତିବର୍ଷ ବଦଳାଇଦେବା ଆବଶ୍ୟକ।

## ଗରମ ଆସିବାର ଲକ୍ଷଣ

ଗରମ ହେଲେ ମାଈ ଛେଳି କିଛି ଖାଏ ନାହିଁ। ଲାଞ୍ଜ ବାରମ୍ବାର ହଲାଏ। କ୍ଷୀର ଦେବା ହଠାତ୍ ବନ୍ଦ କରିଦିଏ। ଗର୍ଭଦ୍ୱାର ଲାଲ ହୋଇଯାଏ ଓ ଫୁଲିଯାଏ। ଅନ୍ୟ ଛେଳିମାନଙ୍କ ଉପରେ ଚଢେ।

## ଧାରଣ (ଖାସୁ) ପଦ୍ଧତି ଏବଂ ଏହାର ଉପକାରିତା

ଦୁର୍ବଳ ଅଣ୍ଡିରା ଛେଳି ଛୁଆକୁ ସାଧାରଣତଃ ୧ ରୁ ୨ ମାସ ବୟସରେ ଧାରଣ କରାଇଦେବା ଉଚିତ୍। ଧାରଣ ଯନ୍ତ୍ର ସାହାଯ୍ୟରେ ପ୍ରାଣୀବିଭାଗର କର୍ମଚାରୀଙ୍କ ଦ୍ୱାରା ଧାରଣ କରାଯିବା ଉଚିତ୍।

## ଧାରଣ କରିବା ଦ୍ୱାରା:

- ଛେଳିଟି ଶାନ୍ତ ସ୍ୱଭାବର ହୁଏ।
- ମାଂସ ଅଧିକ ସୁସ୍ୱାଦୁ ହୋଇଥାଏ।
- ଦେହର ଓଜନ ଶୀଘ୍ର ବଢିଥାଏ।
- ମାଂସ ଓ ଚମଡାର ଗୁଣାତ୍ମକ ଅଭିବୃଦ୍ଧି ହୋଇଥାଏ।
- ଖାସିର ଦାମ ସାଧାରଣ ଛେଳିଠାରୁ ଅଧିକ ହୋଇଥାଏ।
- ପ୍ରଜନନ ପରିଚାଳନାରେ ବିଘ୍ନ ହୁଏ ନାହିଁ।

## ଛେଳିମାନଙ୍କ ପାଇଁ ବାସଗୃହ

ଛେଳିମାନେ ସାଧାରଣତଃ ମୁକ୍ତ ବାୟୁରେ ବୁଲିବା ଜନ୍ତୁ। ତା'ଛଡା ସେମାନେ ସାମାନ୍ୟ ଓଦା ହେବାକୁ ଭଲ ପାଆନ୍ତି ନାହିଁ। ସେଥିପାଇଁ ପକ୍କା, ଶୁଖିଲା ଚଟାଣ ଥିବା ଖୋଲା ଘର ଛେଳିମାନଙ୍କ ପାଇଁ ଭଲ। ବନ୍ୟଜନ୍ତୁ ଓ ଚୋରମାନଙ୍କ ଦାଉରୁ ରକ୍ଷାକରିବା ପାଇଁ ଗୁହାଳ ଚାରିପଟେ ଉଚ୍ଚା ଏବଂ ମଜବୁତ ବାଡ ବା ପାଚେରୀ କରିବା ଦରକାର। ଛାତଟି ଚାଳ ହେଲେ ଅଳ୍ପ ଖର୍ଚ୍ଚ ହେବ। ଛେଳି ଘରର ଲମ୍ବ ପୂର୍ବ-ପଶ୍ଚିମ ମୁହାଁ ହେଲେ ଘରକୁ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିଥାଏ ଏବଂ ଘର ଶୁଖିଲା ରୁହେ। ଗୋଟିଏ ଗୁହାଳରେ ସର୍ବାଧିକ ସମବୟସର ୩୦-୩୫ଟି ଛେଳି ରଖାଯାଇପାରେ। ପ୍ରତ୍ୟେକ ଗୁହାଳରେ ଘାସପତ୍ର ଦେବାପାଇଁ ଗୋଟିଏ

କାଠକୁଣ୍ଡ ବା ଡାଳପତ୍ର ଝୁଲାଇ ଖାଇବାକୁ ଦେବାର ବନ୍ଦୋବସ୍ତ କରିବା ଉଚିତ। ଗୁହାଳର ଗୋଟିଏ କୋଣରେ ପିଇବା ପାଣିକୁଣ୍ଡ ଓ ଅନ୍ୟ କୋଣରେ ଖଣିଜ ଲବଣ ଚୂର୍ଣ୍ଣ ପାଇଁ ଆଉ ଗୋଟିଏ କୁଣ୍ଡ ରଖାଯାଏ। ଗୋଟିଏ ବୟସ୍କ ଛେଳି ପାଇଁ ପାଞ୍ଚ ଫୁଟ ଲମ୍ବ, ଚାରି ଫୁଟ ଓସାର ଏବଂ ଛଅ ଫୁଟ ଉଚ୍ଚତା ବିଶିଷ୍ଟ କୋଠରୀ ଦରକାର। ଛେଳିଘରେ ଭାଡ଼ିକରି ଛେଳିମାନଙ୍କୁ ରଖିଲେ ସେମାନଙ୍କୁ ରୋଗ ଧରିବା ଆଶଙ୍କା କମ୍ଥାଏ। ଘରର ଚଟାଣଟି ପକ୍କା ଓ ଗଡାଣିଆ ହେଲେ ଘରଟି ଶୁଖିଲା ରହିବ। ଏହାବ୍ୟତୀତ ଘର ଭିତରକୁ ପ୍ରଚୁର ପବନ ଓ ଖରା ଯାଉଥିବା ଦରକାର। ବୋଦା, ଦୁଧିଆଳି ଛେଳି ଓ ଛେଳି ଛୁଆ ପାଇଁ ଅଲଗା ଖୁଆଡ଼ କରି ରଖିବା ଦରକାର। ଏକାଧିକ ଅଣ୍ଡିରା ଛେଳି ଥିଲେ ସମସ୍ତଙ୍କୁ ଏକସଙ୍ଗେ ମିଶାଇ ରଖନ୍ତୁ ନାହିଁ। କାରଣ ପରସ୍ପର ମଧ୍ୟରେ ଲଢେଇ କରି ଖଣ୍ଡିଆ ଖାବରା ହେବାର ସମ୍ଭାବନା ଅଧିକ। ତେଣୁ ପ୍ରତ୍ୟେକ ଅଣ୍ଡିରା ଛେଳିକୁ ଅଲଗା ଅଲଗା ଛୋଟ ଘର କରି ରଖନ୍ତୁ।

## ଛେଳିମାନଙ୍କ ଖାଦ୍ୟ

ବଣଜଙ୍ଗଲ ଅଞ୍ଚଳରେ ସାଧାରଣତଃ ଛେଳି ପାଳନ ଲାଭଜନକ। ଛେଳିମାନେ ସେଠାରେ ଚରିବୁଲି ଯଥେଷ୍ଟ ପରିମାଣରେ ଗଛଲତା, ବଣବୁଦାରୁ ଖାଦ୍ୟ ସଂଗ୍ରହ କରିଥାନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳରେ ପୋଖରୀ ହୁଡ଼ା, କେନାଲ, ନଦୀବନ୍ଧ, ତୋଟା ଓ ବାଡ଼କଡ଼ରେ ବାନ୍ଧି ଦେଲେ ସେ ଖାଦ୍ୟ ସଂଗ୍ରହ କରିଥାଏ। ତଥାପି ଛେଳି ପ୍ରତ୍ୟହ ୮-୯ ଘଣ୍ଟା ଚରିବା ଦରକାର। ବର, ଓସ୍ତ, ଅଗସ୍ତି ଡାଳପତ୍ର ଆଦି ଦେଇ ଛେଳି ପାଳନ କରାଯାଏ। ବୋଦା, ଗର୍ଭିଣୀ, ଦୁଧିଆଳୀ ଛେଳି ଓ ଛୁଆମାନଙ୍କୁ ଡାଳପତ୍ର ଛଡ଼ା ସୁଷମ ଖାଦ୍ୟ ଯୋଗାଇବା ଦରକାର। ଦୁଧିଆଳି ଛେଳି, ଗାଈଭଳି ଅଧିକ ପୁଷ୍ଟିସାର ଓ ଶ୍ୱେତସାର ଦରକାର କରେ। ଛେଳି ତା'ର ଶରୀର ଓଜନରେ ୬ରୁ ୧୦ ପ୍ରତିଶତ ଶୁଷ୍କଖାଦ୍ୟ ଲୋଡ଼େ। କିନ୍ତୁ ଗୋ-ମହିଷାଦି ପଶୁ ସେମାନଙ୍କ ଶରୀର ଓଜନର ୨.୫-୩ ପ୍ରତିଶତ ଖାଦ୍ୟ ଲୋଡ଼ନ୍ତି। ଛେଳି ଗଛପତ୍ର ଅଭାବରେ ଅଧିକା ଖାଦ୍ୟ ଦରକାର କରିଥାଏ। ବ୍ୟବସାୟୀ ମାନଙ୍କ ତିଆରି ଫେଣ୍ଟା ଦାନା ଅପେକ୍ଷା ସାରଣୀରେ ଦର୍ଶାଯାଇଥିବା ଦାନା ଚାର୍ଟ ଅନୁସାରେ ଦାନା ତିଆରି କଲେ ଭଲ। ଏହା ବ୍ୟତୀତ ଚାଷୀମାନେ ମକା ମଞ୍ଜିରୁ ମୃତ୍ତିକା ବିହୀନ ଘାସ ଚାଷ କରି ଛେଳିମାନଙ୍କୁ ଖାଇବାକୁ ଦେଇପାରିବେ।

**ସୁଷମ ଦାନା ପ୍ରସ୍ତୁତି ପ୍ରଣାଳୀ**

| ଉପାଦାନ | ଅନୁପାତ |
|---|---|
| ମକାଗୁଣ୍ଡ | ୫୦ ଭାଗ |
| ଗହମ ଚୋକଡ଼ | ୩୦ ଭାଗ |
| ବାଦାମ ପିଡ଼ିଆ | ୧୦ ଭାଗ |
| ଗୁଡ଼ | ୦୭ ଭାଗ |
| ଧାତୁ ସାର | ୦୨ ଭାଗ |
| ଲୁଣ | ୦୧ ଭାଗ |
| **ମୋଟ** | **୧୦୦ ଭାଗ** |

## ଛୋଟ ବଢ଼ିଲା ଓ ବୟସ୍କ ଛେଳିଙ୍କ ଦୈନିକ ଖାଦ୍ୟ ତାଲିକା

| ଶ୍ରେଣୀ | ହାରାହାରି ଓଜନ (କିଗ୍ରା ହିସାବରେ) | ସୁଷମ ଖାଦ୍ୟ (କିଗ୍ରା) | ସବୁଜପତ୍ର ଘାସ |
|---|---|---|---|
| ୧. ଛୋଟ ଓ ବଢ଼ିଲା ଛେଳି | ୧୫-୨୦ | ୩୦୦-୪୦୦ | ୧-୨ |
| ୨. ବୟସ୍କ | ୨୫-୩୦ | ୨୦୦-୩୦୦ | ୨-୩ |
| ୩. ଗର୍ଭଣୀ | ୨୫-୩୦ | ୨୦୦-୩୦୦ | ୨-୩ |
| ୪. ଦୁଧିଆଳି | ୨୫-୩୦ | ୨୦୦-୩୦୦ | ୨-୩ |

ପ୍ରତି ୧ କିଗ୍ରା ଦୁଗ୍ଧ ଉତ୍ପାଦନ ପାଇଁ ୪୦୦ ଗ୍ରାମ୍ ଅଧିକ ଦାନା ଦେବାକୁ ହେବ। କଞ୍ଚା ଘାସ, ଡାଳପତ୍ର ଖାଉଥିବା ଛେଳି ପାଇଁ ପାଣି ଦରକାର ନାହିଁ। ଗୁହାଳେ ବନ୍ଧା ହୋଇଥିବା ଛେଳିକୁ ରୀତିମତ ଦରକାରୀ ପାଣି ଯୋଗାଇ ଦେବାକୁ ହେବ।

## ଛେଳି ଛୁଆଙ୍କ ପାଇଁ ଦୈନିକ ଦାନା ତାଲିକା

| ବୟସ | ହାରାହାରି ଓଜନ (କିଗ୍ରା ହିସାବରେ) | ମା'କ୍ଷୀର (ମି.ଲି) | ଅନ୍ୟାନ୍ୟ ଖାଦ୍ୟ (ଗ୍ରାମ୍) | ସବୁଜ ଉଦ୍ଭିଦ ଘାସ (ଗ୍ରାମ୍) |
|---|---|---|---|---|
| ଜନ୍ମଠାରୁ ୫ ଦିନ ପର୍ଯ୍ୟନ୍ତ | ୧.୫-୨.୦ | ମା'କ୍ଷୀର ଯଥେଷ୍ଟ କଷକ୍ଷୀର | - | - |
| ୬ରୁ ୩୦ ଦିନ | ୨-୩ | ୩୦୦-୫୦୦ | ସ୍ୱଳ୍ପ | ସ୍ୱଳ୍ପ |
| ୩୦ରୁ ୬୦ ଦିନ | ୩-୫ | ୪୦୦-୫୦୦ | ୫୦-୧୦୦ | ସ୍ୱଳ୍ପ |
| ୬୦ରୁ ୯୦ ଦିନ | ୫-୭.୫ | ୩୫୦-୫୦୦ | ୧୦୦-୧୫୦ | ୫୬୦ |
| ୯୦ରୁ ୧୨୦ ଦିନ | ୭.୫-୧୦ | - | ୨୦୦-୨୫୦ | ୫୦୦ |
| ୫-୬ ମାସ | ୧୦-୧୫ | - | ୨୫୦-୩୦୦ | ୭୫୦ |

ମା'ଛେଉଣ୍ଡ ଛୁଆ ବା ମା'କ୍ଷୀର ନ ପାଇଲେ ଅନ୍ୟ ଛେଳିଙ୍କର କ୍ଷୀର ଦିଆଯିବ। ପିଲାଙ୍କ ପାଇଁ ବ୍ୟବହୃତ ଫିଡିଂ ବୋତଲ ବ୍ୟବହାର କରାଯାଇ ପାରିବ। ଚାମଚରେ ପିଆଇଲା ବେଳେ ସାବଧାନତା ଅବଲମ୍ବନ ନକଲେ, କ୍ଷୀର ଶ୍ୱାସନଳୀବାଟେ ଚାଲିଗଲେ ନିମୋନିଆ ହୋଇଯିବ। ସବୁଶ୍ରେଣୀର ଛେଳିଙ୍କୁ ପ୍ରଚୁର ମାତ୍ରାରେ ନିର୍ମଳ ପାଣି ପିଇବାକୁ ଦେବା ଉଚିତ୍।

## ଛେଳି ଛୁଆମାନଙ୍କର ଯତ୍ନ

ଛେଳିର ପ୍ରସବକାଳୀନ ଗୁହାଳ ଅଲଗା ହେବା ଦରକାର। ଛୁଆ ପ୍ରସବ ହେଉଥିବା ସମୟରେ ହସ୍ତକ୍ଷେପ କରିବା ଅନୁଚିତ୍। ପ୍ରସବ ପରେ ମା'ଛେଳି ଛୁଆକୁ ଚାଟିଚାଟି ସଫା କରିଥାଏ। ନଚେତ୍ ପରିଷ୍କାର କନାରେ ତାକୁ ପୋଛି ସଫା କରିଦେବା ଉଚିତ୍। ଛୁଆ ସ୍ୱଭାବତଃ ନିଃଶ୍ୱାସ-ପ୍ରଶ୍ୱାସ ନେଉନଥିଲେ, ତା'ର କୃତ୍ରିମ ଶ୍ୱାସକ୍ରିୟା କରାଇବା ଉଚିତ୍। ସୁସ୍ଥସବଳ ଛୁଆ ସାଧାରଣତଃ ଜନ୍ମର ଅଳ୍ପ ସମୟ ପରେ ଆପେଆପେ ଠିଆ ହୋଇଯାଏ। ଦୁର୍ବଳ ହୋଇଥିଲେ ତା'କୁ ସମ୍ୟକ୍ ଠିଆ କରାଇ, ମା'ଛେଳିର କଷକ୍ଷୀର ପିଆଇବା ଉଚିତ୍। ପିଲାଙ୍କ ପରି ପିଆଇବା ବୋତଲରେ ତାକୁ କଷକ୍ଷୀର ପିଆଇବା ଆବଶ୍ୟକ। ମା'ସଙ୍ଗରେ ଛୁଆ ଚାଲିବା ପର୍ଯ୍ୟନ୍ତ ତା'ର ଯତ୍ନ ନେବା ଉଚିତ୍। ମା'ର ପ୍ରସବ ପରେ, ତା'ର ପଛପଟ (ଯୋନିଦ୍ୱାର) ଡେଟଲ ବା ଫିନାଇଲ୍ ପାଣିରେ ପୋଛି ପରିଷ୍କାର କରିଦେବା ଦରକାର। ଗୁହାଳ ମଧ୍ୟ ଡେଟଲ ପାଣିରେ ଧୋଇ ପରିଷ୍କାର କରିଦେବା ଉଚିତ୍।

## ଛେଳିର ବୟସ ଆକଳନ

ଛେଳିମାନଙ୍କର ଅସ୍ଥାୟୀ ଦାନ୍ତ ଏବଂ ସ୍ଥାୟୀ ଦାନ୍ତକୁ ଦେଖି ଆମେ ଛେଳିର ବୟସ ନିର୍ଦ୍ଧାରଣ କରିପାରିବା। ଛେଳିମାନଙ୍କର ସର୍ବମୋଟ ୨୦ଟି ଅସ୍ଥାୟୀ ଦାନ୍ତ ଏବଂ ୩୨ଟି ସ୍ଥାୟୀ ଦାନ୍ତ ଥାଏ। ଜନ୍ମ ସମୟରେ ଛେଳି ଛୁଆର ୪ ହଳ/୮ଗୋଟି ଛାମୁ ଦାନ୍ତ ଥାଏ। ଏକ ବର୍ଷ ପରେ ତାହା ସ୍ଥାୟୀ ଦାନ୍ତକୁ ରୂପାନ୍ତରିତ ହୋଇଥାଏ। ଛେଳିମାନଙ୍କର ତଳ ପାଟିରେ ଥିବା ସ୍ଥାୟୀ ଛାମୁ ଦାନ୍ତରୁ ଛେଳିଙ୍କ ବୟସ ନିର୍ଦ୍ଧାରଣ କରାଯାଇଥାଏ।

| | ଅସ୍ଥାୟୀ ଦାନ୍ତ | ସ୍ଥାୟୀ ଦାନ୍ତ |
|---|---|---|
| ପ୍ରଥମଯୋଡ଼ା ଛାମୁଦାନ୍ତ | ୧ମ ସପ୍ତାହ | ୧୩-୧୫ ମାସ |
| ଦ୍ୱିତୀୟଯୋଡ଼ା ଛାମୁଦାନ୍ତ | ୨ୟ ସପ୍ତାହ | ୧୮-୨୦ ମାସ |
| ତୃତୀୟଯୋଡ଼ା ଛାମୁଦାନ୍ତ | ୩ୟ ସପ୍ତାହ | ୨୨-୨୪ ମାସ |
| ଚତୁର୍ଥଯୋଡ଼ା ଛାମୁଦାନ୍ତ | ୪ର୍ଥ ସପ୍ତାହ | ୨୭-୩୨ ମାସ |
| ପ୍ରିମୋଲାର୍ | ୨-୬ ସପ୍ତାହ | ୧୮-୨୪ ମାସ |
| ପ୍ରଥମ କଳଦାନ୍ତ | | ୩-୫ ମାସ |
| ଦ୍ୱିତୀୟ କଳଦାନ୍ତ | | ୯-୧୨ ମାସ |
| ତୃତୀୟ କଳଦାନ୍ତ | | ୧୮-୨୪ ମାସ |

ଦାନ୍ତର ଚିତ୍ର ବୟସ



ଚିତ୍ର ୧ - ୬ରୁ ୧୦ ମାସ
ଚିତ୍ର ୨ - ୧୦ରୁ ୧୪ ମାସ
ଚିତ୍ର ୩ - ୨ ବର୍ଷ
ଚିତ୍ର ୪ - ୩ ବର୍ଷ
ଚିତ୍ର ୫ - ୪ ବର୍ଷ
ଚିତ୍ର ୬ - ୬ ବର୍ଷରୁ ଉର୍ଦ୍ଧ୍ୱ

ଛେଳିମାନଙ୍କର ଉପର ପାଟିରେ ଛାମୁ ଦାନ୍ତ ନଥାଏ। ତା'ବଦଳରେ ସେଥିରେ ଏକ ଦାନ୍ତ ମାଢ଼ି ବିଦ୍ୟମାନ ଥାଏ। ୪ବର୍ଷରୁ ଅଧିକ ଛେଳିମାନଙ୍କର ବୟସ, ଦାନ୍ତରେ ଘଟିଥିବା କ୍ଷତକୁ ଲକ୍ଷ୍ୟକରି ଅନୁମାନ କରାଯାଏ। ଏହା ଛେଳି ଖାଦ୍ୟର ପ୍ରକାର, ଖାଦ୍ୟ ଖାଇବା ପ୍ରଣାଳୀ ତଥା ପରିଚାଳନା ବ୍ୟବସ୍ଥା ଉପରେ ନିର୍ଭରକରେ।

## କେତେକ ସାଧାରଣ ରୋଗ ଓ ତା'ର ନିରାକରଣ

ଛେଳିମାନଙ୍କୁ ବିଭିନ୍ନ ପ୍ରକାରର ରୋଗ ହୋଇଥାଏ। ତନ୍ମଧ୍ୟରୁ କିଛି ସଂକ୍ରାମକ ରୋଗ ଅଛି, ଯାହାର ଉପଶମ କରିବା ଚାଷୀମାନଙ୍କ ପକ୍ଷରେ ସମ୍ଭବପର ନୁହେଁ। ତେଣୁକରି ଉକ୍ତ ସଂକ୍ରାମକ ରୋଗର ନିବାରଣ ପାଇଁ ଟୀକାକରଣ ଏବଂ ପ୍ରାଣୀଚିକିତ୍ସକଙ୍କ ସହାୟତାରେ ସଠିକ୍ ରୋଗର ଚିହ୍ନଟ କରି ଚିକିତ୍ସା ବ୍ୟବସ୍ଥା କରାଇବା ଉଚିତ୍। ଏହିସବୁ ରୋଗଗୁଡ଼ିକର ଲକ୍ଷଣ ସଂପର୍କରେ ଚାଷୀମାନେ ଅବଗତ ହେବା ଆବଶ୍ୟକ।

## ଭୂତାଣୁଜନିତ ରୋଗ

**ଫାଟୁଆ:** ଫାଟୁଆ ରୋଗରେ ପାଟି, ଜିଭ ଓ ଖୁରାରେ ଫୋଟକା ହୋଇ ଘା'ରେ ପରିଣତ ହୋଇଯାଏ। ପାଟିରୁ ପ୍ରଚୁର ଲାଳ ବାହାରେ ଓ ଲାଳ ସୂତା ଝୁଲିବା ପରି ଦେଖାଯାଏ। ଛେଳିକୁ ଚାଲିବାକୁ କଷ୍ଟ ହୋଇଥାଏ। ଚିକିତ୍ସାପାଇଁ ବିଳମ୍ବକଲେ ଛେଳିଟି ଖାଇନପାରି ମରିଯାଏ।

**ଚିକିତ୍ସା:** ଉଷୁମ ପାଣିରେ ଖାଇବା ସୋଢ଼ା ମିଶାଇ ଘା'କୁ ଧୋଇବା ସହ ଆଣ୍ଟିସେପ୍ଟିକ୍ ମଲମ ଲଗାଯାଇଥାଏ। ଆକ୍ରାନ୍ତ ଛେଳିକୁ ଅଲଗା ସ୍ଥାନରେ ରଖି ଚିକିତ୍ସା କରିବା ଉଚିତ୍। ପ୍ରତିଷେଧକ ଟୀକା ନେଲେ ରୋଗରୁ ସୁରକ୍ଷା ମିଳିପାରେ।

**ପି.ପି.ଆର୍./ଛେଳିମଡ଼କ:** ଏହି ରୋଗରେ ଆକ୍ରାନ୍ତ ଛେଳିର ଆଖିରୁ ଲେଞ୍ଜେରା, ନାକରୁ ସିଂଘାଣି, ପାଟିରୁ ପ୍ରଚୁର ପରିମାଣରେ ଲାଳ ବୋହିଥାଏ। ଜ୍ୱର ହେବା ସହ ୩-୪ ଦିନ ପରେ ପତଳା ଝାଡ଼ା ହୋଇଥାଏ। ପାଟିରେ ଘା'ହୋଇଥାଏ, ନିଃଶ୍ୱାସ-ପ୍ରଶ୍ୱାସରେ କଷ୍ଟ ହୋଇଥାଏ। ଏହି ରୋଗରେ ବହୁ ସଂଖ୍ୟାରେ ଛେଳି ମୃତ୍ୟୁବରଣ କରିଥାନ୍ତି।



**ଚିକିତ୍ସା:** ଭୂତାଣୁ ପାଇଁ ଔଷଧ ନଥିଲେ ବି ପାର୍ଶ୍ୱପ୍ରତିକ୍ରିୟା ପାଇଁ ଆଣ୍ଟିବାୟୋଟିକ, ମଲ୍ଟିଭିଟାମିନ୍, ମଲ୍ଟିମିନେରାଲ୍ ଦେଲେ ଉପକାର ମିଳେ। ପ୍ରତିଷେଧକ ଟୀକା ଦେଲେ ରୋଗରୁ ସୁରକ୍ଷା ମିଳିଥାଏ। ଆକ୍ରାନ୍ତ ଛେଳିକୁ ସୁସ୍ଥ ଛେଳିଙ୍କଠାରୁ ଅଲଗା ରଖନ୍ତୁ।

**ଛେଳି ବସନ୍ତ:** ଏହି ରୋଗରେ ଛେଳିମାନଙ୍କୁ ଜ୍ୱର ହୋଇଥାଏ। ଜ୍ୱର ହେବାର ୨ରୁ ୮ଦିନ ମଧ୍ୟରେ ଶରୀରର ଲୋମନଥିବା ସ୍ଥାନମାନଙ୍କରେ ଫୋଟକା ସୃଷ୍ଟି ହୋଇଯାଏ। ନାକ ଓ ଆଖିରୁ ପାଣିଗଡ଼େ। ଶ୍ୱାସନଳୀ ଓ ଖାଦ୍ୟନଳୀରେ ଫୋଟକା ଦେଖାଯାଏ।

**ଚିକିତ୍ସା:** କାନ, ଆଖି ଘା'କୁ ପଟାସିୟମ ପରମାଙ୍ଗାନେଟ୍ ପାଣି (୧:୧୦୦୦୦)ରେ ପରିଷ୍କାର କରି ପୋଛନ୍ତୁ। ଛେଳି କିଛି ଖାଉନଥିଲେ ୧୦% ଗ୍ଲୁକୋଜ୍-ସାଲାଇନ୍ ଦିଆଯିବା ଉଚିତ୍। ଶ୍ୱାସକ୍ରିୟା ସ୍ୱଭାବିକ୍ ଅବସ୍ଥାକୁ ଆଣିବାକୁ ତୁଳାରେ ୟୁକାଲିପଟାସ୍ ଲଗାଇ ନାକପୁଡ଼ାରେ ଶୁଙ୍ଘାଇଦେଲେ ଉପଶମ ମିଳିଥାଏ।

**ସି.ସି.ପି.ପି.:** ରୋଗର ପ୍ରଥମ ଲକ୍ଷଣ ହେଲା ଭୀଷଣ ଜ୍ୱର (୧୦୪-୧୦୫° ଫାରେନ୍‌ହିଟ୍) ହେବା ସହ ନାକରୁ ସିଙ୍ଘାଣି ବୋହି ନିଃଶ୍ୱାସ-ପ୍ରଶ୍ୱାସରେ ବାଧା ହୋଇଥାଏ। ଖୁବ୍ କଷ୍ଟରେ ପାଟି ମେଲାକରି ପାଟିବାଟେ ନିଃଶ୍ୱାସ-ପ୍ରଶ୍ୱାସ ନିଏ। ଶରୀରର ଓଜନ କମିଯାଏ। ରୋଗରୁ ମୁକ୍ତି ପରେ ଗଣ୍ଠିସବୁ ଫୁଲିଯାଏ। ଛେଳି ଛୋଟେଇ ଛୋଟେଇ ଚାଲେ। ଏହି ରୋଗରେ ମୃତ୍ୟୁହାର ୬୦-୧୦୦ଭାଗ ହୋଇଥାଏ।

**ଚିକିତ୍ସା:** ରୋଗୀଣା ଛେଳିକୁ ଟାଇଲୋସିନ୍ ଛେଳିର ଓଜନ ୧ କିଗ୍ରା ପ୍ରତି ୪୦ମିଲିଗ୍ରାମ୍ ହିସାବରେ ୫ ଦିନ ଓ ଟିଆମୁଲିନ୍ ପ୍ରତି କିଲୋଗ୍ରାମ ଓଜନ ପାଇଁ ୩୬ ମିଲିଗ୍ରାମ୍ ଅନୁପାତରେ ହିସାବ କରି ମାଂସପେଶୀରେ ଦେଲେ ଆରୋଗ୍ୟ ମିଳିଥାଏ।

**ଛେଳିର ଭୂତାଣୁଜନିତ ରୋଗର କେତେକ ପ୍ରତିଷେଧକ ଟୀକା**

| କ୍ର. ନଂ. | ଟୀକାର ନାମ | କି ପ୍ରକାର ଟୀକା | ଅନୁପାତ (ମି.ଲି.) | କିଭଳି ଦିଆଯିବ | ସମୟ ସୀମା |
|---|---|---|---|---|---|
| ୧. | ଛେଳି ବସନ୍ତ | ଇନାକ୍ଟିଭେଟେଡ | ୧ ମିଲି ଫ୍ରିଜଡ୍ରାଏଡ | ଚର୍ମତଳେ | ବର୍ଷକୁ ଥରେ |
| ୨. | ପି.ପି.ଆର୍. | ତନ୍ତୁକର୍ଷିତ ଟୀକା | ୧ ମିଲି | ଚର୍ମତଳେ | ବର୍ଷକୁ ଥରେ |
| ୩. | ଫାଟୁଆ | (ରକ୍ଷା)ଫାଟୁଆଟୀକା | ୫ ମିଲି | ଚର୍ମତଳେ | ୬ମାସ/୧ଥର |
| ୪. | ସି.ସି.ପି.ପି. | ଲାଇଭ୍ ଭ୍ୟାକ୍ସିନ୍ | ୧ ମିଲି | ଚର୍ମତଳେ | ବର୍ଷକୁ ଥରେ |

## ଜୀବାଣୁଜନିତ ରୋଗ

**ଏଣ୍ଟେରୋଟକ୍ସେମିଆ:** ଏହା 'କ୍ଲଷ୍ଟ୍ରିଡିୟମ୍ ୱେଲ୍‌ଚି' ନାମକ ଜୀବାଣୁ ଦ୍ୱାରା ହୋଇଥାଏ। ହଠାତ୍ ପାଗ ପରିବର୍ତ୍ତନ, ଖାଦ୍ୟର ପରିବର୍ତ୍ତନ, ଖଣିଜସାର ଅଭାବ ସହ ରୋଗ ପ୍ରତିରୋଧକ

ଶକ୍ତି ହ୍ରାସ ପାଇବା ଦ୍ୱାରା ଏହି ଜୀବାଣୁ ଠାରୁ ନିର୍ଗତ ବିଷ ଅନ୍ତଃନଳୀରେ ଶୋଷିତ ହୋଇ ରୋଗ ସୃଷ୍ଟି ହୋଇଥାଏ। ଏହି ରୋଗରେ ଛେଳିର ନାଳରକ୍ତ ଝାଡ଼ା ହୋଇଥାଏ। ପେଟରେ ଭୀଷଣ ଯନ୍ତ୍ରଣା ଯୋଗୁ ଛେଳି ଛାଟିପିଟି ହୋଇ ମରିଯାଏ।

**ଚିକିତ୍ସା:** ଏହିରୋଗର ଚିକିତ୍ସା ଫଳପ୍ରଦ ନୁହେଁ, ତେଣୁ ପ୍ରତିଷେଧକ ଟୀକା ଠିକ୍ ସମୟରେ ଦେବା ଉଚିତ୍ ଏବଂ ହଠାତ୍ ଖାଦ୍ୟର ପରିବର୍ତ୍ତନକୁ ବାରଣ କରିପାରିଲେ ରୋଗର ପ୍ରତିକାର ହୋଇପାରିବ।

**ଶାହାଣ:** ଏହି ରୋଗରେ ଛେଳିମାନଙ୍କୁ ଜ୍ୱର ଓ କାଶ ହୋଇଥାଏ। ଗଳା ଫୁଲିଯାଏ, ପାଟିରୁ ଲାଳ ବାହାରେ ଏବଂ ଆକ୍ରାନ୍ତ ଛେଳି ମରିଯାଏ। ଚିକିତ୍ସା ଦ୍ୱାରା ବିଶେଷ ଲାଭ ହୁଏନାହିଁ। ତେଣୁ ବର୍ଷାଋତୁ ପୂର୍ବରୁ ସମସ୍ତ ଛେଳିମାନଙ୍କୁ ଶାହାଣ ରୋଗର ପ୍ରତିଷେଧକ ଟୀକା ଦେବା ଉଚିତ୍।

**ବୃକକ୍ ଫୁଲା ରୋଗ:** 'କ୍ଲଷ୍ଟିଡିୟମ୍ ୱେଲ୍‌ଚି'ନାମକ ଜୀବାଣୁ ଏହି ରୋଗ ସୃଷ୍ଟିକରେ। ପ୍ରାଣୀର ଅନ୍ତଃନଳୀରେ ଏକ ଜୀବାଣୁ ଥାଇ ଖାଦ୍ୟଜନିତ ବିଷ ସୃଷ୍ଟି କରନ୍ତି। ପ୍ରାଣୀର ଦୂଷିତ ପଦାର୍ଥ ବୃକକ୍ ଦ୍ୱାରା ବାହାରକୁ ବାହାରି ଥାଏ। ଅତ୍ୟଧିକ ବିଷ, ବର୍ଜ୍ୟବସ୍ତୁ ବୃକକ୍ ବାଟେ ବାହାରିବା ପାଇଁ ବୃକକ୍‌କୁ ଅଧିକ କ୍ରିୟାଶୀଳ ହେବାକୁ ପଡ଼େ। ସେଠାରେ ରକ୍ତରେ ବର୍ଜ୍ୟବସ୍ତୁ ପଶିବାରୁ ତାହା ଫୁଲିଯାଏ। ପ୍ରାଣୀଟି ମରିଯାଏ। ଅନେକ ଜାଗାରେ ଦେଖାଯାଉଛି, କୌଣସି ଭୋଜିରୁ ବଳକା କ୍ଷୀରି ବା ବିରିଆନିଆଦି ପଶୁମାନଙ୍କୁ ଖାଇବାକୁ ଦେଇଦିଅନ୍ତି, କିମ୍ବା ବାହାରେ ଫିଙ୍ଗିଦେଲେ ତାକୁ ଗୋରୁ, ଛେଳି, ମେଣ୍ଢା ଖାଇ ଏ ରୋଗରେ ପଡ଼ି ମୃତ୍ୟୁବରଣ କରନ୍ତି। ସେଥିପାଇଁ ସାବଧାନତା ଅବଲମ୍ବନ କରିବାକୁ ହେବ। ଅବଶ୍ୟ ଏହାର ଟୀକା ବ୍ୟବସ୍ଥା ଅଛି।

## କୃମିଜନିତ ରୋଗ (ପରଜୀବୀରୋଗ)

**ଅନ୍ତଃକୃମି:** ଛେଳିମାନେ ବିଭିନ୍ନ କୃମିଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ଗୋଲ କୃମି, ଫିତାକୃମି, ପତ୍ରକୃମି, ରକ୍ତଶୋଷଣକାରୀ କୃମିମାନ ଶରୀରରେ ରହି ଖାଦ୍ୟ ହଜମରେ ବାଧା ସୃଷ୍ଟି କରିଥାନ୍ତି ଓ ଶରୀରରୁ ରକ୍ତ ଶୋଷଣ କରନ୍ତି। ଏମାନଙ୍କ ଯୋଗୁ ଛେଳି ଭଲ ବଢ଼େନାହିଁ। ଏଣୁ ବର୍ଷକୁ ୩ରୁ ୪ଥର କୃମିନାଶକ ଔଷଧ ଦେଇ ଛେଳିମାନଙ୍କୁ ଅନ୍ତଃକୃମିରୁ ରକ୍ଷା କରାଯାଇ ପାରିବ।

**ବାହ୍ୟକୃମି:** ଟିଙ୍କ ଓ ଉକୁଣି ଦେହରେ ଲାଗିରହି ରକ୍ତ ପିଅନ୍ତି ଓ ଛେଳିମାନଙ୍କୁ ରକ୍ତହୀନତା ସୃଷ୍ଟି ହୋଇଥାଏ। ଦେହରୁ ଲୋମ ଉପୁଡ଼ିଯାଏ ଏବଂ ଛେଳିଟି ଦୁର୍ବଳ ହୋଇଯାଏ। ଏହି ରୋଗରୁ ରକ୍ଷାପାଇବା ପାଇଁ ଚଟାଣ, କାନ୍ଥ ଓ ଛେଳି ଦେହକୁ କୀଟନାଶକ ଔଷଧ ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ୫ଟି ମାଈ ଛେଳି ଓ ଗୋଟିଏ ବୋଦା ପାଳନରୁ ଲାଭ କ୍ଷତି ହିସାବ

## କ. ଅଣ ପୌନଃପୁନିକ

| | | |
|---|---|---|
| ୧. | ଗୁହାଳ ୭୦ ବର୍ଗ ଫୁଟ (୩୫୦ ଟଙ୍କା ପ୍ରତି ବର୍ଗ ଫୁଟ) | ୨୪୫୦୦.୦୦ |
| ୨. | ୫ଟି ମାଈ ଛେଳି ( ଗୋଟି ୬୫୦୦ଟଙ୍କା ହିସାବରେ) | ୩୨୫୦୦.୦୦ |
| ୩. | ୧ଟି ବୋଦା | ୧୦୦୦୦.୦୦ |
| | **ମୋଟ** | **୬୭୦୦୦.୦୦** |

## ଖ. ପୌନଃପୁନିକ

| | | |
|---|---|---|
| ୧. | ଦାନା (୧୦୦ ଦିନ/ଛେଳିକୁ ୧୦୦ଗ୍ରାମ ଓ ବୋଦାକୁ ୨୦୦ଗ୍ରାମ ଏବଂ ଦାନା କିଗ୍ରା ପ୍ରତି ୨୦ ଟଙ୍କା କରି (୭୦ କିଗ୍ରାକୁ ୨୦ ଟଙ୍କା) | ୧୪୦୦.୦୦ |
| ୨. | ଚିକତ୍ସା ଖର୍ଚ୍ଚ (ଗୋଟିକୁ ୭୦ଟଙ୍କା ହାରରେ) | ୬୦୦.୦୦ |
| ୩. | ବୀମା ଖର୍ଚ୍ଚ (ଛେଳି ଦାମର ୫ ପ୍ରତିଶତ) | ୨୧୨୫.୦୦ |
| | **ମୋଟ** | **୩୯୪୫.୦୦** |

## ଗ. ମୋଟ ମୂଳଧନ ଖର୍ଚ୍ଚ

| | |
|---|---|
| ସ୍ଥାୟୀ ମୂଳଧନ | ୬୭୦୦୦.୦୦ |
| ପୌନଃପୁନିକ ଖର୍ଚ୍ଚ | ୩୯୪୫.୦୦ |
| **ମୋଟ** | **୭୦୯୪୫.୦୦** |

## ଘ. ଆଦାୟ

| | | |
|---|---|---|
| ୧. | ୭ଟି ଅଣ୍ଡିରା ଛେଳିର ବିକ୍ରି (ଗୋଟିକୁ ୬୦୦୦ ଟଙ୍କା, କିଗ୍ରା ପ୍ରତି ୪୦୦-୫୦୦ ଟଙ୍କା, ଓଜନ ୧୨-୧୫ କିଗ୍ରା) | ୪୨୦୦୦.୦୦ |
| ୨. | ୫ଟି ମାଈ ଛେଳିର ବିକ୍ରି (ଗୋଟିକୁ ୫୦୦୦ ଟଙ୍କା) | ୨୫୦୦୦.୦୦ |
| | **ମୋଟ** | **୬୭୦୦୦.୦୦** |

(ଗୋଠ ବଢାଇବା ପାଇଁ ଗୋଟିଏ ବା ଦୁଇଟି ମାଈ ଛୁଆକୁ ବିକ୍ରି କରାଯିବ ନାହିଁ)

## ଲାଭ

| | |
|---|---|
| ଆଦାୟ | ୬୭୦୦୦.୦୦ |
| (-) ପୌନଃପୁନିକ ଖର୍ଚ୍ଚ | ୩୯୪୫.୦୦ |
| (-) ଗୁହାଳର ମୂଲ୍ୟହୀନ ଖର୍ଚ୍ଚ (ପ୍ରତିବର୍ଷକୁ ୧୦% ହାରରେ) | ୨୪୫୦.୦୦ |
| **ମୋଟ** | **୬୦୬୦୫.୦୦** |

ବାର୍ଷିକ ହାରାହାରି ଲାଭ - ୬୦୬୦୫.୦୦

ମାସିକ ହାରାହାରି ଲାଭ- ୫୦୫୦.୦୦